## ନୀଳାମ୍ବର ରଥଙ୍କ

# ଗୀତି-ଅଭିବ୍ୟକ୍ତି

ନିଦରୁ ଉଠାଇ ମତେ ଜଣେ କେହି
ତନ୍ଦ୍ରା ଅବଶ ଲଗନରେ
ପଚାରିଲା କବି ରହିଥିଲ ଡୁବି
ଅବା କେଉଁ ମୁଗ୍‌ଧ ସପନରେ
ମୁଁ ତ ଉତ୍ତର ଦେବି କିବା
ସ୍ୱପ୍ନର ସେହି ପରୀଟି ଯେ ମୋର
ସାମନାରେ ଆସି ଉଭା ।

ଯାହା ପ୍ରତୀକ୍ଷାରେ ବିତେଇଛି ମୁଁ ଯେ
ଅବସନ୍ନ କେତେ ରାତି
କ୍ଳାନ୍ତ ହୋଇଛି ମନର ପଥୁକୀ
ଆକୁଳେ ଫାଟିଛି ଛାତି ।
ସେ ତ ସ୍ୱପ୍ନରେ ଆସେ କିଆଁ
ସ୍ମୃତିର ମୋର ପାଉଁଶ ଗଦାରେ
ବାର ବାର ଢ଼ାଳେ ନିଆଁ ।

ନିଃଶେଷ ହୋଇଛି ପ୍ରୀତିର ପିଆଲା
ମନରୁ ନିଭିଛି ତାତି
ବିଶ୍ୱାସେ କିଏ ମିଶେଇଛି ବିଷ
ଛାତିରେ ମାରିଛି କାତି
ତୁମ ସାନ୍ନିଧ୍ୟ ଲୋଡ଼ା ନାହିଁ
ସ୍ୱପ୍ନରେ ଆସି କିବା ଦିବାନିଶି
ମତେ ଆଉ ଛୁଅଁ ନାହିଁ ।

www.nilambarrath.com, Email: rath.nilambar@gmail.com